## କୋଇଲା ବୋଝେଇ ଟ୍ରକ୍ ଜବତ: ୩ ଗିରଫ

କଣିହାଁ,(ସଚ୍ଚିଦାନନ୍ଦ ପ୍ରଧାନ): କଣିହାଁ ବ୍ଲକ ସମଲ ଥାନା ପୋଲିସ ଶୁକ୍ରବାର କୁଲେଇଠାରେ ଚଢ଼ାଉ କରି ଏକ ଚୋରା କୋଇଲା ବୋଝେଇ ଟ୍ରକ ଜବତ କରିଛି। ଏହି ଘଟଣାରେ ଗାଡି ଚାଳକ ଖଇରନାଳୀ ଗ୍ରାମର ଯୁବକ ପ୍ରଦୀପ ପରିଡା, ସହଯୋଗୀ ଦଣ୍ଡସିଙ୍ଗା ଗ୍ରାମର ପ୍ରଶାନ୍ତ ପରିଡା ଓ ଅନୁଗୋଳ ଶିକ୍ଷକପଡାର ପ୍ରତାପ ନାୟକଙ୍କୁ ଗିରଫ କରାଯାଇଛି। ଜବତ ଟ୍ରକରୁ ୮ ଟନ୍ କୋଇଲା ଜବତ କରାଯାଇଛି। ଏ ନେଇ ନମ୍ବର ୩୭୨/୨୦୨୩ରେ ମାମଲା ରୁଜୁ ହୋଇଛି।

# କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରରେ କାୟାକଳ୍ପ ଟିମ୍

କଣିହାଁ,୨୨।୧୨(ସଚ୍ଚିଦାନନ୍ଦ ପ୍ରଧାନ)

ଅନୁଗୋଳ ଜିଲା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଏକ କାୟାକଳ୍ପ ଟିମ୍ ଶୁକ୍ରବାର କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ବିଭିନ୍ନ କାର୍ଯ୍ୟ ପରିଦର୍ଶନ ସହିତ ତଦାରଖ କରିଛନ୍ତି। ଜିଲା ସ୍ୱାସ୍ଥ୍ୟବିଭାଗ ନିର୍ଦ୍ଦେଶରେ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର ସଂଘମିତ୍ରା ଦାସ, ବିପିଏମ ସଂଜୟ କୁମାର ବେହେରା ଗସ୍ତ କରିଥିଲେ। ସ୍ୱାସ୍ଥ୍ୟ ପାଇଁ ଉପଯୋଗୀ ସ୍ୱଚ୍ଛତା କାର୍ଯ୍ୟକ୍ରମ ସହିତ ଔଷଧୀୟ ଉଦ୍ୟାନ, ମେଡିକାଲର ବିଭିନ୍ନ ବିଭାଗ ପରିଦର୍ଶନ କରିଥିଲେ। ଏହାବାଦ ବ୍ୟବସ୍ଥାର ସୁପରିଚାଳନା ନେଇ ରେକର୍ଡ ପତ୍ର ଯାଞ୍ଚ କରିଥିଲେ। କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସା ଅଧିକାରୀ ସୁମନ୍ତ କୁମାର ପଟେଲ, ଆୟୁଷ ଡାକ୍ତର ରାକେଶ କୁମାର ମହାରଣା, ଡାକ୍ତର ସୂର୍ଯ୍ୟ ପ୍ରକାଶ ସାହୁ, ବିପିଏମ ସରୋଜ ଦାସ, ବିତ୍ତୀୟ ଅଧିକାରୀ ସତ୍ୟକୃଷ୍ଣ ବେହେରା, ଡାଟା ଏଣ୍ଟ୍ରି ମ୍ୟାନେଜର ଜିତେନ ସାହୁ ପ୍ରମୁଖ ସହଯୋଗ କରିଥିଲେ।



ମେଡିକାଲ ପରିସରରେ କାୟାକଳ୍ପ ଟିମ୍‌ର ସଦସ୍ୟ ଓ ମେଡିକାଲ କର୍ମଚାରୀମାନେ।

# ଗଣିତ ଶିକ୍ଷାକୁ ମଜଭୁତ କରିବାକୁ ପରାମର୍ଶ




ବଇଣ୍ଡା,୨୨।୧୨ (ପରିକ୍ଷିତ ସାହୁ)

ପ୍ରାଥମିକସ୍ତରରୁ ପିଲାଙ୍କ ଗଣିତ ଶିକ୍ଷାକୁ ମଜଭୁତ କଲେ ଛାତ୍ରୀଛାତ୍ରମାନଙ୍କ ପାଇଁ ଗଣିତ ସହଜ ହୋଇପାରିବ ବୋଲି ଶୁକ୍ରବାର କିଶୋରନଗର ବ୍ଲକ ବଇଣ୍ଡା ଜନତା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଜାତୀୟ ଗଣିତ ଦିବସ ଅବସରରେ ଯୋଗ ଦେଇଥିବା ଅତିଥିମାନେ ମତପ୍ରକାଶ କରିଛନ୍ତି। କଲେଜ ଅଧ୍ୟକ୍ଷ କାଳନ୍ଦୀ ଚରଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ଉପ ଜିଲାପାଳ ଜିତେନ୍ଦ୍ର କୁମାର ପାତ୍ର, ମୁଖ୍ୟବକ୍ତା ଭାବେ ବଇଣ୍ଡା ହାଇସ୍କୁଲର ଅବସରପ୍ରାପ୍ତ ଗଣିତ ଶିକ୍ଷକ ଲିଙ୍ଗରାଜ ପ୍ରଧାନ, ଅନ୍ୟତମ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଅରୁଣ କୁମାର ସେଠୀ, ଅଧ୍ୟାପକ ସନ୍ତୋଷ ସାହୁ, ଅସିତ ଜେନା ଯୋଗ ଦେଇଥିଲେ। ଏହି ଅବସରରେ ଏକ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ବଣ୍ଟନ କରିଥିଲେ। ଅଧ୍ୟାପକ ଆଶୁତୋଷ ମିଶ୍ର ପରିଚାଳନା କରିଥିଲେ। ସମ୍ବିତ ସାହୁ ଧନ୍ୟବାଦ ଦେଇଥିଲେ। ସେହିପରି ବଇଣ୍ଡା ଶିଶୁ ମନ୍ଦିରରେ ଜାତୀୟ ଗଣିତ ଦିବସ ପାଳିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର ନାଥ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗେ ଶିକ୍ଷକ ନିତ୍ୟାନନ୍ଦ ବାରିକ, ମୁଖ୍ୟବକ୍ତା ଭାବେ ସହ ପ୍ରଧାନ ଆଚାର୍ଯ୍ୟ, ଜ୍ୟୋସ୍ନାମୟୀ ପ୍ରଧାନ, ଅନ୍ୟତମ ଅତିଥି ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ସଚିଦାନନ୍ଦ ସାହୁ, ନିରୂପମା ବାରିକ ଯୋଗଦେଇ ଗଣିତ ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ।

# ଅବସରପ୍ରାପ୍ତ ସୈନିକଙ୍କ ପରଲୋକ

ବଇଣ୍ଡା,୨୨।୧୨(ପରିକ୍ଷିତ ସାହୁ)



କିଶୋରନଗର ବ୍ଲକ ହଣ୍ଡପା ଥାନା ଗୁଣ୍ଡୁରୀମୁଣ୍ଡା ଗ୍ରାମର ଅବସରପ୍ରାପ୍ତ ସୈନିକ ସନାତନ ବେହେରା (୮୫)ଙ୍କ ଗୁରୁବାର ରାତିରେ ଅନୁଗୋଳସ୍ଥିତ ଏକ ଘରୋଇ ମେଡିକାଲରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେବ ଅସୁସ୍ଥ ଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ, ପୁଅ, ବୋହୂ, ନାତୁଣୀ, ନାତି, ଝିଅ, ଜ୍ୱାଇଁ ଉପସ୍ଥିତ ଥିଲେ। ତାଙ୍କ ପରଲୋକକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ୩୦ ୟୁନିଟ୍ ରକ୍ତ ସଂଗ୍ରହ

ବଇଣ୍ଡା,୨୨।୧୨(ପରିକ୍ଷିତ ସାହୁ)



ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଷୋଳପଦା ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଗୁରୁବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଚାରୁଲତା ମିଶ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଡାକ୍ତର ସୌରଭ ସବ୍ୟସାଚୀ ବେହେରା, ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରତିମା ବାଘ, ସଂଘମିତ୍ରା ସିଂ, ମୁକେଶ ଦେହୁରୀ, ସୁଶାନ୍ତ ସାହୁ, ସୁଲତାନ ବେହେରା, ଗୋବିନ୍ଦ ବେହେରା, ରବୀନ୍ଦ୍ର ନାଥ ମହାନ୍ତି, ରାଧାମାଧବ ମିଶ୍ର, ଅଧ୍ୟାପକ ତରୁଣ ପ୍ରଧାନ, ସରୋଜ ରଞ୍ଜନ ପ୍ରଧାନ, ଅଧ୍ୟାପିକା ଡ. କଲ୍ୟାଣୀ ରୁପା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

# ରାଜ୍ୟ ଉପସଭାପତିଙ୍କୁ ଶୁଭେଚ୍ଛା

ଢେଙ୍କାନାଳ,୨୨।୧୨(ରତନ ନାୟାର)

ଢେଙ୍କାନାଳ ଉଫୁନା ଅନୁଷ୍ଠାନର ରାଜ୍ୟ ସଭାପତି ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକଙ୍କୁ ସର୍ବଭାରତୀୟ ଉପସଭାପତି ଭାବେ ନିର୍ବାଚିତ କରାଯାଇଛି। ଏଥିପାଇଁ ବିଜେବି ୭୩ ବ୍ୟାଚ୍‌ର ଛାତ୍ରୀଛାତ୍ରମାନେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ବିଶିଷ୍ଟ ପ୍ରଫେସର ଅରୁଣ ସାହୁ, ଜଗଦୀଶ ସାହୁ, ପୂର୍ଣ୍ଣଚନ୍ଦ୍ର ମଲିକ ପ୍ରମୁଖ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଭ୍ରାମ୍ୟମାଣ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ

ଅନୁଗୋଳ,୨୨।୧୨ (ଅମିତ କୁମାର ସାମଲ)



ଓଡ଼ିଶା ଲଳିତ କଳା ଏକାଡେମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓ ଅନୁଗୋଳ ଜିଲା ପ୍ରଶାସନର ସହଯୋଗରେ ଏକ ଭ୍ରାମ୍ୟମାଣ ଚିତ୍ରକଳା ପ୍ରଦର୍ଶନୀକୁ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସ୍ଥାନୀୟ ଶୈଳଶ୍ରୀ କ୍ଷେତ୍ର ଠାରେ ଶୁକ୍ରବାର ଉଦ୍‌ଘାଟନ କରିଛନ୍ତି। ରାଜ୍ୟରେ ଚିତ୍ରକଳାର ବହୁଳ ପ୍ରଚାର ଓ ପ୍ରସାର ନିମନ୍ତେ ଏକାଡେମୀ ଦ୍ୱାରା ସଂଗୃହୀତ ବହୁ ବରିଷ୍ଠ ଓ ଯୁବ ଶିଳ୍ପୀଙ୍କ ଚିତ୍ରକଳାଗୁଡିକୁ ଏହି ଭ୍ରାମ୍ୟମାଣ ଚିତ୍ରକଳା ପ୍ରଦର୍ଶନୀରେ ପ୍ରଦର୍ଶିତ କରାଯାଇଛି। ଓଡ଼ିଶା ଚାରୁକଳାର ବହୁଳ ପ୍ରଚାର ଓ ପ୍ରସାର ପାଇଁ ତଥା ଶିଳ୍ପୀମାନଙ୍କ କଳାକୃତି ଯେପରି ରାଜ୍ୟର ଜନସାଧାରଣ, ଅନ୍ୟ ଶିଳ୍ପୀ ଓ ଛାତ୍ରୀଛାତ୍ରମାନେ ଦେଖିବାର ସୁଯୋଗ ପାଇପାରିବେ ଏବଂ ଓଡ଼ିଶାର ସବୁ ଜିଲାରେ ଚିତ୍ରକଳାର ପ୍ରଚାର ଓ ପ୍ରସାର କିପରି ହୋଇପାରିବ ସେଥିପାଇଁ ଏକାଡେମୀ ତରଫରୁ ଏକ ଅଭିନବ ପ୍ରୟାସ ଏହି ଚିତ୍ରକଳା ପ୍ରଦର୍ଶନୀ ମାଧ୍ୟମରେ କରାଯାଇଛି। ଏହି ପ୍ରଦର୍ଶନୀ ୨୨ ରୁ ଆରମ୍ଭ ହୋଇଥିବା ବେଳେ ୨୪ ତାରିଖ ଯାଏ ଚାଲିବ। ବହୁ କଳାକାର, ଜନସାଧାରଣ ଓ ସ୍ଥାନୀୟ ବିଦ୍ୟାଳୟର ଚାତ୍ରୀଛାତ୍ର ଏହି ପ୍ରଦର୍ଶନୀକୁ ଉପଭୋଗ କରିଥିଲେ।

# ଡେମନଷ୍ଟ୍ରେଟରଙ୍କୁ ୩ ବର୍ଷ ଜେଲ

ଅନୁଗୋଳ,୨୨।୧୨(ଅମିତ କୁମାର ସାମଲ)

ଜଣେ ଛାତ୍ରଙ୍କଠାରୁ ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିବା ଛେଣ୍ଡିପଦା ବାପୁଜୀ କଲେଜର ଫିଜିକ୍ସ ଡେମନଷ୍ଟ୍ରେଟର ମାନସ ସାହୁଙ୍କୁ ଅନୁଗୋଳ ଭିଜିଲାନ୍ସ ସ୍ୱତନ୍ତ୍ର ଜଜ୍ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ୩ ବର୍ଷ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରାଯାଇଛି। ସାହୁ ୨୦୧୮ ମସିହାରେ କଲେଜର ଜଣେ ଯୁକ୍ତ ୨ ବିଜ୍ଞାନ ଛାତ୍ରଙ୍କୁ ନୋ ଡ୍ୟୁଜ ପ୍ରାମଣପତ୍ର ଦେବା ପାଇଁ ୨ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ନେଇ ଛାତ୍ର ଜଣକ ଭିଜିଲାନ୍ସଙ୍କୁ ଜଣାଇଥିଲେ। ପରେ ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ସମ୍ପୃକ୍ତ ଡେମନଷ୍ଟ୍ରେଟରଙ୍କୁ ଧରିଥିଲା। ଏହି ମାମଲାର ବିଚାର ଅନୁଗୋଳ ଭିଜିଲାନ୍ସ ସ୍ୱତନ୍ତ୍ର ଜଜ ଅନୁପ ରଞ୍ଜନ ପଟ୍ଟନାୟକ ୧୦ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଆଧାରରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଦିଲୀପ ମହାନ୍ତି ପରିଚାଳନା କରିଥିଲେ।

# ଅଭିଯୁକ୍ତଙ୍କୁ ୨୦ ବର୍ଷ କାରାଦଣ୍ଡାଦେଶ

ଅନୁଗୋଳ,୨୨।୧୨(ଅମିତ କୁମାର ସାମଲ)

ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ଅନୁଗୋଳ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ରୁଦ୍ରପ୍ରସାଦ ମହାପାତ୍ର ଅଭିଯୁକ୍ତ ତାଳଚେର ଥାନା ଅଞ୍ଚଳର ବିଶ୍ୱଜିତ ସାମଲ(୨୫)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏଥିସହିତ ୧୩ ହଜାର ଟଙ୍କା ଜରିମାନା ଦେବାକୁ ରାୟରେ ଉଲ୍ଲେଖ କରିଛନ୍ତି। ସୂଚନା ଅନୁଯାୟୀ, ୨୦୧୯ ନଭେମ୍ବର ୭ରେ ଅଭିଯୁକ୍ତ ବିଶ୍ୱଜିତ ଜଣେ ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଇ ଶାରୀରିକ ସମ୍ପର୍କ ରଖିଥିଲେ। ବିବାହର ପ୍ରତିଶ୍ରୁତି ଦେଇ ଅଭିଯୁକ୍ତ ନାବାଳିକାଙ୍କୁ ଅପହରଣ କରି ଫେରାର୍ ହୋଇଯାଇଥିଲେ। ଏ ନେଇ ଅଭିଯୋଗ ପରେ ପୋଲିସ ତଦନ୍ତ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହିତ ଅଭିଯୁକ୍ତ ବିଶ୍ୱଜିତଙ୍କୁ ଗିରଫ କରିଥିଲା। ଏହି ମାମଲାର ଶୁଣାଣି ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ୧୩ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରୋସିକ୍ୟୁଟର ସରୋଜକୁମାର ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ।

# ସପ୍ତାହର ୬ ଦିନ ଖୋଲିବ 'ବ୍ଲାକ୍ ଡାଇମଣ୍ଡ'

ଅନୁଗୋଳ,୨୨।୧୨(ଅମିତ କୁମାର ସାମଲ)

ଅନୁଗୋଳରେ ଉଦ୍‌ଘାଟିତ ହୋଇସାରିଥିବା ବିଶ୍ୱସ୍ତରୀୟ ଅତ୍ୟାଧୁନିକ ପାଠାଗାର ଓ ସଂଗ୍ରହାଳୟ 'ବ୍ଲାକ ଡାଇମଣ୍ଡ' ଏଣିକି ସପ୍ତାହରେ ୬ ଦିନ ଖୋଲାରହିବ। ପ୍ରତି ସପ୍ତାହର ଗୁରୁବାର ଦିନ ଏହା ବନ୍ଦ ରହିବ। ଏହାଛଡା ସମସ୍ତ ସରକାରୀ ଛୁଟି ଦିନରେ ମଧ୍ୟ ଏହାକୁ ଖୋଲାଯିବ ବୋଲି ଜିଲା କାର୍ଯ୍ୟାଳୟର ନିଜାରତ ଉପବିଭାଗ ତରଫରୁ ଜଣାଇ ଦିଆଯାଇଛି। ପ୍ରକାଶଥାଉ କି ଗତ ୧୧ ତାରିଖରୁ ଏହା ପାଠିକା ପାଠକାଙ୍କ ପାଇଁ ଖୋଲାଯାଇଥିବା ବେଳେ ୧୯ ତାରିଖରୁ ସର୍ବସାଧାରଣଙ୍କ ପାଇଁ ଖୋଲାଯାଇଛି।

# ପ୍ରକାଶ ବେହେରା ସାଧାରଣ ସମ୍ପାଦକ

ତାଳଚେର,୨୨।୧୨ (ମନୋଜ ନନ୍ଦ)

ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଓଡ଼ିଶା ଯୁବ ଶାଖାର ନୂତନ ସାଧାରଣ ସମ୍ପାଦକ ଭାବେ ପ୍ରକାଶ ବେହେରାଙ୍କୁ ମନୋନୀତ କରାଯାଇଛି। ପ୍ରକାଶ ବର୍ତ୍ତମାନ ନାଲ୍‌କୋ ଏମ୍ପ୍ଲୋଇଜ ସଂଘ (ନେସ୍)ର ସାଙ୍ଗଠନିକ ସମ୍ପାଦକ ଅଛନ୍ତି। ରାଜ୍ୟର ଏହି ଗୁରୁତ୍ୱପୂର୍ଣ୍ଣ



ଦାୟିତ୍ୱ ମିଳିଥିବାରୁ ବେହେରା ରାଷ୍ଟ୍ରୀୟ ମଜଦୁର କଂଗ୍ରେସ (ଯୁବ ଶାଖା) ସଭାପତି ସଞ୍ଜୟ ଗାଭା, ରାଷ୍ଟ୍ରୀୟ ଉପସଭାପତି ଏବଂ ଓଡ଼ିଶା ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ସଭାପତି ଡ. ରାମଚନ୍ଦ୍ର ଖୁଣ୍ଟିଆ, ରାଜ୍ୟ ସାଧାରଣ ସମ୍ପାଦକ କିଶୋର ଚନ୍ଦ୍ର ଜେନା, ରାଷ୍ଟ୍ରୀୟ ସମ୍ପାଦକ ମାନସ ଚୌଧୁରୀ, ରାଷ୍ଟ୍ରୀୟ ସାଙ୍ଗଠନିକ ସମ୍ପାଦକ ମଦନ ଧଳ, ରାଜ୍ୟ ଯୁଗ୍ମ ସାଧାରଣ ସମ୍ପାଦକ ନିର୍ମଳ କୁମାର ସାମଲ, ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ରାଜ୍ୟ ଉପସଭାପତି ପରେଶ ଜେନା, ରାଜ୍ୟ ସଭାପତି (ଯୁବ ଶାଖା) ବିଷ୍ଣୁ ମୋହନ ରଥଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଜନବିକାଶ କଲ୍ୟାଣ ସଂଘ ପକ୍ଷରୁ ଦାବିପତ୍ର



ତାଳଚେର,୨୨।୧୨ (ମନୋଜ ନନ୍ଦ)

ତାଳଚେର ଉପଖଣ୍ଡର ଜନସାଧାରଣ ଓ ଶିକ୍ଷିତ ଯୁବତୀ ଯୁବକଙ୍କ ବୃହତ୍ ସ୍ୱାର୍ଥକୁ ଆଖି ଆଗରେ ରଖି ଜନବିକାଶ କଲ୍ୟାଣ ସଂଘ ତରଫରୁ ୩ ଦଫା ସମ୍ବଳିତ ଏକ ଦାବିପତ୍ର ତାଳଚେର ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି, ତାଳଚେରରେ ରାଷ୍ଟ୍ରାୟତ ଓ ଘରୋଇ ଉଦ୍ୟୋଗ ସହିତ ଖଣିଖଦାନ ବଢ଼ିବାରେ ଲାଗିଛି। କିନ୍ତୁ ଉପଖଣ୍ଡବାସୀ ସେତେଟା ଉପକୃତ ହୋଇ ପାରୁନାହାନ୍ତି। ନିଯୁକ୍ତି କ୍ଷେତ୍ରରେ କୌଣସି ସୁବିଧା ନ ଥିବାରୁ ଯୋଗ୍ୟତା ଅନୁଯାୟୀ ସ୍ଥାନୀୟ ଯୁବତୀ ଯୁବକ ଅଗ୍ରାଧିକାରରୁ ବଞ୍ଚିତ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ନିଯୁକ୍ତି କ୍ଷେତ୍ରରେ ସ୍ଥାନୀୟ କୁଶଳୀ, ଅର୍ଦ୍ଧକୁଶଳୀ, ଅଣକୁଶଳୀ ଓ ଶିକ୍ଷିତ ଯୁବତୀ ଯୁବକଙ୍କ ପାଇଁ ସ୍ଥାନୀୟ ନିଯୁକ୍ତି ଅଫିସ ଖୋଲାଯିବା, ଯୁବପିଢ଼ିଙ୍କ ବୃହତ୍ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସ୍ଥାନୀୟ ପ୍ରଶାସନ ଦ୍ୱାରା ପ୍ରତ୍ୟେକ ବର୍ଷ ଉପଖଣ୍ଡସ୍ତରୀୟ ଯୋଗ୍ୟତା ଭିତ୍ତିକ ନିଯୁକ୍ତି ମେଳାର ବ୍ୟବସ୍ଥା କରାଯିବା ଆଦି ୩ ଦଫା ଦାବି ଏଥିରେ ଉଲ୍ଲେଖ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ସଂଘ ସଭାପତି ଭୂପେନ ଥମ୍ୱ, ଦ୍ରୁମୁଦ ପ୍ରଧାନ, ସରୋଜ ଧର, ବିନୋଦ ଲାଲ, ଜିତେନ୍ଦ୍ର ମହାପାତ୍ର, ଶୋଭାଗିନୀ ଦେବୀ, ଅଭୟ ପାଣି, ମୁରଲୀଧର ବେହେରା, ହରେକୃଷ୍ଣ ମହାପାତ୍ର, ସଞ୍ଜୀବ ନାଏକ, ପ୍ରଫୁଲ୍ଲ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ମଣ୍ଡି ବ୍ୟବସ୍ଥାର ଶୁଭାରମ୍ଭ



ଆଠମଲ୍ଲିକ,୨୨।୧୨(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ବ୍ଲକ ଅଇଡ଼ା ସେବା ସମବାୟ ସମିତିରେ ଚାଷୀମାନଙ୍କ ଠାରୁ ଧାନ କ୍ରୟ କରିବା ପାଇଁ ମଣ୍ଡି ବ୍ୟବସ୍ଥାର ଶୁଭାରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ଡ. ଜିତେନ୍ଦ୍ର କୁମାର ପାତ୍ର ଯୋଗଦେଇ ମଣ୍ଡିର ଉଦ୍‌ଘାଟନ କରିଥିଲେ। ଆଇନ ଅନୁସାରେ ଚାଷୀମାନେ ଏଠାରେ ଧାନ ବିକ୍ରୟ କରିବେ ଓ ପ୍ରଶାସନ ସର୍ବଦା ଚାଷୀଙ୍କ ସହ ରହିଛି ବୋଲି ଉପଜିଲାପାଳ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତି ସଭାପତି ଚିତ୍ତରଞ୍ଜନ କର୍ଣ୍ଣ, ଅତିରିକ୍ତ ଯୋଗାଣ ଅଧିକାରୀ ଶିଭାଶିଷ ଜେନା, ଏଆର୍‌ସିଏସ୍ ବିଜୟାନନ୍ଦ ଦାସ, ଆର୍‌ଏମ୍‌ସି ମାର୍କେଟିଂ ଗାର୍ଡ ନରୋତ୍ତମ ନାଏକ, ସମିତି ସମ୍ପାଦକ ପଞ୍ଚାନନ ସାହୁ, ସମିତି ନିର୍ଦ୍ଦେଶକ ସୁରେନ୍ଦ୍ର ପ୍ରଧାନ, ବସନ୍ତ କର୍ଣ୍ଣଙ୍କ ସମେତ ସମସ୍ତ ନିର୍ବାଚିତ ନିର୍ଦ୍ଦେଶକଙ୍କ ସହିତ ବହୁ ଚାଷୀ ଯୋଗ ଦେଇଥିଲେ। ଏହି ଅବସରରେ ସମିତି ସଭାପତି ଚିତ୍ତରଞ୍ଜନ କର୍ଣ୍ଣଙ୍କ ଅଧ୍ୟକ୍ଷତାରେ ସମିତିର ସମସ୍ତ ନିର୍ଦ୍ଦେଶକ ଓ ଚାଷୀମାନଙ୍କୁ ନେଇ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା।

# ଦୁର୍ଘଟଣାରେ ଛାତ୍ରୀ ଗୁରୁତର, ରାସ୍ତା ଅବରୋଧ

ଛେଣ୍ଡିପଦା,୨୨।୧୨(ଅଜିତ ଧଳ)

ଛେଣ୍ଡିପଦା ବ୍ଲକ ଜରପଡା ଥାନା ନିକଟସ୍ଥ ଜରପଡା ପତିତପାବନ ମହାବିଦ୍ୟାଳୟର ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀ ମଞ୍ଜୁବାଲା ନାଏକ (୧୬) ଶୁକ୍ରବାର ଏକ କାର ଦୁର୍ଘଟଣାରେ ଗୁରୁତର ହୋଇଛନ୍ତି। ମଞ୍ଜୁବାଲା ସାଇକେଲ ଯୋଗେ କଲେଜକୁ ଆସୁଥିବାବେଳେ ଏକ କାର୍ ତାଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ସ୍ଥାନୀୟ ଲୋକେ ଛାତ୍ରୀଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଖବରପାଇ କଲେଜ ଛାତ୍ରୀଛାତ୍ରମାନେ ଅନୁଗୋଳ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଜରପଡା ପୋଲିସ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ବିଫଳ ହୋଇଥିଲା। ପରେ ଛେଣ୍ଡିପଦା ତହସିଲଦାର ମାନସ ରାୟ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନରତ ଛାତ୍ରୀଛାତ୍ରଙ୍କ ଦାବିକୁ ପୂରଣ କରାଯିବା ସହ ଦୁର୍ଘଟଣାଗ୍ରସ୍ତ ଛାତ୍ରୀଙ୍କୁ ସରକାରୀ ନିୟମ ଅନୁଯାୟୀ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଛାତ୍ରୀଛାତ୍ରମାନେ ଆନ୍ଦୋଳନରୁ ଓହରି ଥିଲେ।


ଛାତ୍ରୀଛାତ୍ରମାନେ ଜାତୀୟ ରାଜପଥ ଅବରୋଧ କରିଛନ୍ତି।


## ଓଡ଼ିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର
## ଅଧିସୂଚନା

File No.COL/JAJ/VIIL-38/2022/12724/(Civil) dated 06.11.2023

No.XXIV-35:- ଯେହେତୁ ଓଡ଼ିଶା ସରକାରଙ୍କ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯାଜପୁର ଜିଲ୍ଲାରେ ରେଡ୍‌କ୍ରସ୍ ଛକଠାରୁ ମକେଇପୁର ପର୍ଯ୍ୟନ୍ତ ଚାରି ଥାକ ବିଶିଷ୍ଟ ରାସ୍ତାର ଉନ୍ନତୀକରଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା- ମକେଇପୁର, ଥାନା- ଯାଜପୁର ନଂ.୩୩, ତହସିଲ- ଯାଜପୁର, ଜିଲ୍ଲା- ଯାଜପୁରରେ ନିମ୍ନ ତଫସିଲ ମତେ ପ୍ରାୟ ଏ୦.୬୯୦ଡି. ଭୂମି ଅର୍ଜନ ଆବଶ୍ୟକ ହେଉଅଛି। ତେଣୁ ନ୍ୟାୟୋଚିତ କ୍ଷତି ପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀତରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଇଅଛି।

ନ୍ୟାୟୋଚିତ କ୍ଷତି ପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଯାଜପୁର ଜିଲ୍ଲାରେ ରେଡ୍‌କ୍ରସ୍ ଛକଠାରୁ ମକେଇପୁର ପର୍ଯ୍ୟନ୍ତ ଚାରି ଥାକ ବିଶିଷ୍ଟ ରାସ୍ତାର ଉନ୍ନତୀକରଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଅଧୀକ୍ଷଣ ଯନ୍ତ୍ରୀ, ପାଣିକୋଇଲି (ରାସ୍ତା ଓ କୋଠାବାଡ଼ି) ବିଭାଜନ, ପାଣିକୋଇଲି।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ଯାଜପୁର ଜିଲ୍ଲାରେ ରେଡ୍‌କ୍ରସ୍ ଛକଠାରୁ ମକେଇପୁର ପର୍ଯ୍ୟନ୍ତ ଚାରି ଥାକ ବିଶିଷ୍ଟ ରାସ୍ତାର ଉନ୍ନତୀକରଣ ନିମନ୍ତେ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଓଡ଼ିଶା ସରକାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂଖ୍ୟା ୩୬୯୬୮/୧୭।୧୦।୨୦୨୩ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପଜିଲ୍ଲାପାଳ, ଯାଜପୁର।
୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଯାଜପୁର | ଯାଜପୁର | ମକେଇପୁର | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୧.୫୧ଡି. | ଏ.୦.୬୯୦ଡି. | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ ତଥା ତହସିଲଦାର ଯାଜପୁର, ତହସିଲଦାର, ଯାଜପୁରଙ୍କ କାର୍ଯ୍ୟାଳୟ, ଯାଜପୁରରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଯାଜପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦିତ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ଯାଜପୁର

### ଭୂମି ଅନୁସୂଚୀ

**ପ୍ରକଳ୍ପ- ରେଡ୍‌କ୍ରସ୍ ଛକଠାରୁ ମକେଇପୁର ପର୍ଯ୍ୟନ୍ତ ଚାରି ଥାକ ବିଶିଷ୍ଟ ରାସ୍ତାର ଉନ୍ନତୀକରଣ**
**ମୌଜା- ମକେଇପୁର, ଥାନା ନଂ. -୩୩, ଥାନା/ତହସିଲ/ଜିଲ୍ଲା- ଯାଜପୁର**

| କ୍ରମିକ ନଂ. | ଖାତା ନଂ. | ପ୍ଲଟ୍ ନଂ. | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ପ୍ରଜାଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୯ | ୪୩୭ | ୦.୦୬୦ | ୦.୦୬୦ | ଶାରଦ ଜଳ ଦୋଫସଲ-୧ | ଶ୍ରୀ ଜନକେଶ୍ୱର ମହାଦେବ ବିଜେ ନିଜଗାଁ ଗ୍ରାମବାସୀଙ୍କ ତରଫରୁ ମାର୍ଫତ କଣ୍ଡୁରୀ ରାଉତ, ପି. ସିଦ୍ଧ ରାଉତ, ଜା. ଖଣ୍ଡାୟତ, ବା. ନିଜଗାଁ |
| ୨ | ୧୦୦/ ୩୧ | ୪୩୮ | ୦.୦୫୦ | ୦.୦୫୦ | ଘରବାରି | ଜ୍ୟୋତି ପ୍ରକାଶ ପଣ୍ଡା, ପି. ବୃନ୍ଦାବନ ପଣ୍ଡା, ଜା. ବ୍ରାହ୍ମଣ, ବା. ଖଇବାବାଦ, ହା. ବା. ଝରାବାହାଲ, ଜି. ନବରଙ୍ଗପୁର |
| ୩ | ୧୦୦/ ୧୦୬ | ୪୩୯ | ୦.୨୧୦ | ୦.୦୮୦ | ଘରବାରି | ରଶ୍ମି ରଂଜନ ମହାପାତ୍ର, ସଂଜୟ କୁମାର ମହାପାତ୍ର, ବିଜୟ କୁମାର ମହାପାତ୍ର, ପି. ନାରାୟଣ ମହାପାତ୍ର, କନକ ମହାପାତ୍ର, ପି. ବନମାଳି ଓଝା, ଜା. କମାର, ବା. ଗୋପାଳପୁର |
| ୪ | ୧୦୦/ ୩୦ | ୪୪୦ | ୦.୦୫୦ | ୦.୦୫୦ | ଘରବାରି | ଶରତ କୁମାର ମିଶ୍ର, ପି. ରାମଚନ୍ଦ୍ର ମିଶ୍ର, ଜା. ବ୍ରାହ୍ମଣ, ବା. ଆଙ୍କୁଲା |
| ୫ | ୧୦୦/ ୩୦ | ୪୪୧ | ୦.୧୦୦ | ୦.୧୦୦ | ଘରବାରି | ଶରତ କୁମାର ମିଶ୍ର, ପି. ରାମଚନ୍ଦ୍ର ମିଶ୍ର, ଜା. ବ୍ରାହ୍ମଣ, ବା. ଆଙ୍କୁଲା |
| ୬ | ୧୦୦/ ୯ | ୪୪୩ | ୦.୦୭୦ | ୦.୦୫୦ | ଶାରଦ ଜଳ ଦୋଫସଲ-୧ | ବିଶ୍ୱନାଥ ମଲ୍ଲିକ, ପି. ଜଗବନ୍ଧୁ ମଲ୍ଲିକ, ଜା. ଖଣ୍ଡାୟତ, ବା. ତଳିହା |
| ୭ | ୧୦୦/ ୯ | ୪୪୪ | ୦.୧୭୦ | ୦.୦୫୦ | ଶାରଦ ଜଳ ଦୋଫସଲ-୧ | ବିଶ୍ୱନାଥ ମଲ୍ଲିକ, ପି. ଜଗବନ୍ଧୁ ମଲ୍ଲିକ, ଜା. ଖଣ୍ଡାୟତ, ବା. ତଳିହା |
| ୮ | ୮୦ | ୪୪୫ | ୦.୩୪୦ | ୦.୧୫୦ | ଶାରଦ ଜଳ ଦୋଫସଲ-୧ | ରାଧାମଣି ରାଉତ, ପି. ଶିବ ରାଉତ, ଜା. ଖଣ୍ଡାୟତ, ବା. ନିଜଗାଁ |
| ୯ | ୬୫ | ୪୪୭ | ୦.୪୧୦ | ୦.୦୫୦ | ଶାରଦ ଜଳ ଦୋଫସଲ-୧ | ଭାନୁମତି ରାଉତ, ସ୍ୱା. ସନାତନ ରାଉତ, ଜା. ଖଣ୍ଡାୟତ, ବା. ନିଜଗାଁ |
| ୧୦ | ୮୭ | ୪୪୮ | ୦.୦୫୦ | ୦.୦୫୦ | ଶାରଦ ଜଳ ଦୋଫସଲ-୧ | ସନାତନ ରାଉତ, କାହ୍ନୁଚରଣ ରାଉତ, ପି. ନବୀନ ରାଉତ, ଜା. ଖଣ୍ଡାୟତ, ବା. ନିଜଗାଁ |
| | | ମୋଟ | | ୦.୬୯୦ | | |

ସ୍ୱା./- ଭୂ-ଅର୍ଜନ ଅଧିକାରୀ (ସିଭିଲ), ଯାଜପୁର
OIPR-24163/14/0039/2324

**ହାତୀ ଆକ୍ରମଣରେ ଜଣେ ମୃତ**

ଢେଙ୍କାନାଳ,(ରତନ ନାୟାର): ଢେଙ୍କାନାଳ ଜିଲା ଗଁଦିଆ ଥାନା ଷଡଙ୍ଗୀ ରେଞ୍ଜ୍ ଆଙ୍କୁର୍ଦା ଗ୍ରାମରେ ଶୁକ୍ରବାର ସନ୍ଧ୍ୟା ୭ଟାରେ ହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଅଦ୍ୱୈତ ସ୍ୱାଇଁ(୫୦)। ଅଦ୍ୱୈତ ଘର କାମ କରିବାକୁ ଲୋକ ଠିକ୍ କରିବା ପାଇଁ ଯାଇ ଫେରୁଥିବା ବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ଖବରପାଇ ସ୍ଥାନୀୟ ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଛନ୍ତି।

# ଉଜ୍ଜ୍ୱଳ ଭବିଷ୍ୟତ ଗଠନ କର

ସାତମାଇଲ,୨୨।୧୨(ସୁଶାନ୍ତ କୁମାର ପତି)

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ଚିଉଲପୁର ପଞ୍ଚାୟତ ପଞ୍ଚପଡ଼ା ସରକାରୀ ଉ.ପ୍ରା. ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ତରଣୀସେନ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସଞ୍ଜୟ ନାୟକ, ସମ୍ମାନିତ ଅତିଥି ଭାବେ ସିଆର୍‌ସିସି ଦିଲୀପ ବେହେରା, ମୋ ସ୍କୁଲ ଅଭିଯାନ ସଭାପତି ଦଣ୍ଡଧର ପତି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଜୟ ପାଳ, ଗ୍ରାମ ପରିଚାଳନା କମିଟି ସଭାପତି ବିମ୍ବାଧର ପଣ୍ଡା ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରବୃନ୍ଦ ନିଜର ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରି ବିଦ୍ୟାଳୟକୁ ଗୌରବାନ୍ୱିତ କରିବାକୁ ମୁଖ୍ୟଅତିଥି ପରାମର୍ଶ ଦେଇଥିଲେ। ପରେ ବିଭିନ୍ନ ବିଭାଗରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ଯତୀନ୍ଦ୍ର ବେହେରା, ଫକିର ବେହେରା, ଶିକ୍ଷୟିତ୍ରୀ କନକଲତା ନନ୍ଦ, ରାଜଶ୍ରୀ ପଣ୍ଡା, କୁମୁଦିନୀ ପଣ୍ଡା, ରିନା ସାହୁ ପ୍ରମୁଖ ସହଯୋଗ କରିଥିଲେ।


ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନେ।

# ବ୍ରାହ୍ମଣୀ ପବ୍ଲିକ ସ୍କୁଲର ପ୍ରତିଷ୍ଠା ଦିବସ



ଢେଙ୍କାନାଳ,୨୨।୧୨(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଖଡଗପ୍ରସାଦସ୍ଥିତ ବ୍ରାହ୍ମଣୀ ପବ୍ଲିକ ସ୍କୁଲର ୧୮ତମ ପ୍ରତିଷ୍ଠା ଦିବସ ସ୍ପନ୍ଦନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଏମ୍‌ଜିଏମ୍ କାରଖାନାର ଚେୟାରମ୍ୟାନ୍ ପଙ୍କଜ ଲୋଚନ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରି କହିଲେ, ବାଧାବିଘ୍ନ ସହ ଯେଉଁ ଉଦ୍ୟୋକ୍ତାମାନେ ଏହି ଶିକ୍ଷାନୁଷ୍ଠାନକୁ ଆଗେଇ ନେଇଛନ୍ତି ସେମାନେ ଧନ୍ୟବାଦର ପାତ୍ର। ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍କୁଲ ଚେୟାରମ୍ୟାନ ଗଙ୍ଗାଧର ସାମଲ କହିଲେ, ବ୍ରାହ୍ମଣୀ ପବ୍ଲିକ ସ୍କୁଲ ୧୯୯୩ ମସିହାରେ ୮ ପିଲାଙ୍କୁ ନେଇ ଆରମ୍ଭ ହୋଇଥିଲା। ଆଜି ଏହା ମହାଦ୍ରୁମରେ ପରିଣତ ହୋଇଥିବା ବେଳେ ପିଲାଙ୍କ ସଂଖ୍ୟା ୧ହଜାରରୁ ଉର୍ଦ୍ଧ୍ୱ ହେଲାଣି। ଏଥିପାଇଁ ଏମ୍‌ଜିଏମ୍ ଓ ନବ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ମଧ୍ୟ ସହଯୋଗ ପାଇଁ ଧନ୍ୟବାଦ। ଅନ୍ୟତମ ଅତିଥି ଭାବେ ଡ. ନୀଳମଣି ଧଳ, ବିଜୟ ଧଳ, ନରେନ୍ଦ୍ର କୁମାର ସାହୁ, ବିନୋଦ କୁମାର ସାହୁ ଓ ଅଖିଳ କୁମାର ମହାପାତ୍ର ଯୋଗ ଦେଇଥିଲେ। ଉତ୍ସବର ଦ୍ୱିତୀୟ ପର୍ଯ୍ୟାୟରେ ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍କୁଲର ଉନ୍ନତି କାମନା କରିଥିଲେ। ସମ୍ମାନିତ ଅତିଥି ଭାବେ ଅନୁଗୋଳ ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ଜିଏମ୍‌ଆର୍ ଡିଏଭି ପବ୍ଲିକ ସ୍କୁଲ ଅଧ୍ୟକ୍ଷା ଅହଲ୍ୟାବାଈ ସାହୁ, ନବ କମ୍ପାନୀ ଉପସଭାପତି କର୍ଣ୍ଣେଲ ଜି ପ୍ରକାଶ, କଳିଙ୍ଗ ଡିଏଭି ସ୍କୁଲ ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ଭୋଇ ଓ ଶିକ୍ଷୟିତ୍ରୀ ମଧୁସ୍ମିତା ମହାପାତ୍ର ଯୋଗ ଦେଇଥିଲେ। ସ୍କୁଲ ଅଧ୍ୟକ୍ଷ ରଞ୍ଜନ କୁମାର ସିଂ ଧନ୍ୟବାଦ ପ୍ରଦାନ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ଭୁବନ,୨୨।୧୨(ବିପିନ ବିହାରୀ ସେଠୀ)

ଭୁବନ ବ୍ଲକ ଅନଳ ଶ୍ରୀଅରବିନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ରମେଶ ଚନ୍ଦ୍ର ନାୟକ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଅବସରପ୍ରାପ୍ତ କର୍ମଚାରୀ ମଧୁସୂଦନ ଦାସ ଓ ପୁରାତନ ଛାତ୍ର ସଂସଦ ସଭାପତି ଶିଶିର କୁମାର ସାହୁ ଯୋଗଦେଇଥିଲେ। ସେହିପରି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ, ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ଜିଲାପରିଷଦ ସଦସ୍ୟ ରମେଶ ଚନ୍ଦ୍ର ସାହୁ, ସରପଞ୍ଚ ଶ୍ରୀନିବାସ ବେହେରା ଓ ଅବସରପ୍ରାପ୍ତ ଶିକ୍ଷକ ଅକ୍ଷୟ ନାୟକ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ପାତ୍ର ସଭାପତିତ୍ୱ କରିଥିଲେ। ଛାତ୍ରୀ ସପ୍ନାରାଣୀ ସାହୁ, ଛାତ୍ର ରାଜା ମୁଣ୍ଡା ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ଶିକ୍ଷକ ନିହାର ରଞ୍ଜନ ସାହୁ, ସହକାରୀ ଶିକ୍ଷକ ବିକ୍ରମ ବେହେରା, ରାଜେଶ ଦାସ, ଉମ୍ବରୁଧର ସାହୁ, ମଧୁସୂଦନ ନାୟକ ପ୍ରମୁଖ ସହଯୋଗ କରିଥିଲେ।


ଶ୍ରେଷ୍ଠ ଖେଳାଳି ସପ୍ନାରାଣୀ ମୁଖ୍ୟ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# ଲୁଟିନେଲେ ୩ ଲକ୍ଷ ୯୭ ହଜାର

କାମାକ୍ଷାନଗର,୨୨।୧୨
(ସୁଧୀର ପରିଡ଼ା)

କାମାକ୍ଷାନଗର ଥାନା ମୁକ୍ତାପସି ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରୁ ସିଆରୀମାଳିଆ ମହିଳା ଗୋଷ୍ଠୀ ୪ଲକ୍ଷ ୯୭ ହଜାର ଟଙ୍କା ଉଠାଇ ଆଣିଥିଲେ। ସିଆରୀମାଳିଆ ନିକଟରେ ବାଇକରୁ ତେଲ ସରିଯିବା ପରେ ତେଲ ପକାଇବାକୁ ପାଖ ଦୋକାନକୁ ଯାଇଥିବାବେଳେ ୨ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ଡିକିରେ ଥିବା ସମୁଦାୟ ଟଙ୍କାରୁ ୩ ଲକ୍ଷ ୯୭ ହଜାର ଟଙ୍କା ଲୁଟି ନେଇଥିବା ଥାନାରେ ହୋଇଛି ଅଭିଯୋଗ ହୋଇଛି। ଅଭିଯୋଗ ପରେ ଘଟଣାସ୍ଥଳରେ କାମାକ୍ଷାନଗର ଏସ୍‌ଡିପିଓ ପ୍ରଭାତ କୁମାର ତ୍ରିପାଠୀ ଓ ଥାନାଧିକାରୀ ଶରତ ଚନ୍ଦ୍ର ମହାଳିକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି।

# ପୁରୁଣା ମୁଦ୍ରା ବିନିମୟ ମେଳା

କାମାକ୍ଷାନଗର,୨୨।୧୨(ଅମଜାଦ ଖାନ)

ଢେଙ୍କାନାଳ ଜିଲା କାମାକ୍ଷାନଗର ୟୁକୋ ବ୍ୟାଙ୍କ ତରଫରୁ ସ୍ଥାନୀୟ ୟୁକୋ ବ୍ୟାଙ୍କ ସମ୍ମୁଖରେ ଚିରାଫଟା ନୋଟ ଓ ପୁରୁଣା ମୁଦ୍ରା ବିନିମୟ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ୟୁକୋ ବ୍ୟାଙ୍କ ଏଲଡିଏମ ଦେବାଶିଷ କୁଣ୍ଡୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ବ୍ୟବସାୟୀ, କଲେଜ ଛାତ୍ରୀଛାତ୍ର, ଗୃହିଣୀମାନେ ଉପସ୍ଥିତ ରହି ନିଜର ପୁରୁଣା ଚିରାଫଟା ନୋଟ ଓ ପୁରୁଣା ମୁଦ୍ରା ବିନିମୟ କରିଥିଲେ। ପ୍ରାୟ ୫୦ ହଜାର ଟଙ୍କାର ପୁରୁଣା ମୁଦ୍ରା ଓ ଚିରାଫଟା ନୋଟ ଅଦଳବଦଳ କରାଯାଇଥିବା ବ୍ୟାଙ୍କ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ବ୍ୟାଙ୍କ ମ୍ୟାନେଜର ନୀଲେଶ ପ୍ରଧାନ, ମୁଖ୍ୟ କ୍ୟାସିୟର ପ୍ରଭାତ ସ୍ୱାଇଁ ପରିଚାଳନା କରିଥିଲେ।



ମୁଦ୍ରା ବିନିମୟ ମେଳାରେ ଅତିଥିଙ୍କ ସହ ଅନ୍ୟମାନେ।

# ୨୨ ତାରିଖକୁ ନେଇ ଚର୍ଚ୍ଚା

ଢେଙ୍କାନାଳ,୨୨।୧୨(ରତନ ନାୟାର)

ଢେଙ୍କାନାଳ ଜିଲାର ବିଶ୍ୱ ପ୍ରସିଦ୍ଧ ମହିମାଧର୍ମ ପୀଠ ମହିମାଗାଦି ଯୋରନ୍ଦାର ରୂପାନ୍ତରୀକରଣ ପାଇଁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୧୨କୋଟି ଟଙ୍କା ବ୍ୟୟରେ ବିଭିନ୍ନ ପ୍ରକଳ୍ପର ଭୂମି ପୂଜନ କରିଛନ୍ତି। ତେବେ ଯୋରନ୍ଦା ସହ ଏହି ୨୨ ତାରିଖର ସମ୍ପର୍କକୁ ନେଇ ବିଭିନ୍ନ ଚର୍ଚ୍ଚା ଆରମ୍ଭ ହୋଇଛି। ଏଥିପୂର୍ବରୁ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ମୁତାବକ ମହିମା ପୀଠ ଯୋରନ୍ଦାରେ ଗତ ୨୨ ନଭେମ୍ବର ୨୦୨୨ରେ ବତୀ ମନ୍ଦିର, ଧୁନି ମନ୍ଦିର ଓ ମହିମା ଗୁମ୍ଫି ଉଚ୍ଛେଦ ହୋଇଥିଲା। ୨ଗୋଷ୍ଠୀ ମହିମା ସନ୍ନ୍ୟାସୀଙ୍କ ବିବାଦର ପରିଣାମ ସ୍ୱରୂପ ଏଭଳି ଉଚ୍ଛେଦ କରାଯାଇଥିଲା। ସେହିପରି ୨୨ ଡିସେମ୍ବର ୨୦୨୩ରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଯୋରନ୍ଦାସ୍ଥିତ ମହିମାଗାଦି ଚତୁଃପାର୍ଶ୍ୱର ଉନ୍ନତକରଣ, ଭବ୍ୟ ମହିମାଗାଦି ଶୂନ୍ୟ ମଣ୍ଡପର ଉନ୍ନତୀକରଣ ଏବଂ ଉପାସନା ପୀଠ ଓ ବତୀ ମନ୍ଦିର ନିର୍ମାଣ ପ୍ରକଳ୍ପର ଭୂମି ପୂଜନ କରାଯାଇଛି। ତେଣୁ ୨୨ ତାରିଖକୁ ନେଇ ଯୋରନ୍ଦାରେ ଚର୍ଚ୍ଚା ଲାଗି ରହିଛି।

# ସାନ୍ଧ୍ୟ ମହାବିଦ୍ୟାଳୟରେ କ୍ରୀଡ଼ା ଉତ୍ସବ



ଢେଙ୍କାନାଳ,୨୨।୧୨(ରତନ ନାୟାର)

ଢେଙ୍କାନାଳ ସାନ୍ଧ୍ୟ ମହାବିଦ୍ୟାଳୟର କ୍ରୀଡ଼ା ମହୋତ୍ସବ ଶୁକ୍ରବାର ସହରସ୍ଥିତ ଷ୍ଟାଡିୟମଠାରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ନେହେରୁ ଯୁବକେନ୍ଦ୍ର ଉପନିର୍ଦ୍ଦେଶକ ଅଶୋକ କୁମାର ଦାଶ ଯୋଗ ଦେଇଥିଲେ। ସାନ୍ଧ୍ୟ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସମୀର କୁମାର ସାହୁ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ନୋଡାଲ ଅଫିସର ଅଧ୍ୟାପକ ସମୀର କୁମାର ମଲ୍ଲିକ, ସହ ସଂଯୋଜିକା ସ୍ୱର୍ଣ୍ଣଲତା ମହାଳିକ ଓ ନୀରୁପମା ନାୟକ, କ୍ରୀଡ଼ା ସମ୍ପାଦକ ଡ. ନିହାର ରଞ୍ଜନ ନନ୍ଦ, ଜିଲା କ୍ରୀଡ଼ା ସଙ୍ଗଠନ ସହ ସମ୍ପାଦକ ଅଭିଜିତ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ୨ଦିନ ଧରି ଅନୁଷ୍ଠିତ ଏହି କ୍ରୀଡ଼ା ମହୋତ୍ସବରେ ଶତାଧିକ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଅପରାହ୍ନରେ ଜିଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ, ସହ ସମ୍ପାଦକ ଗୌରାଙ୍ଗ ଚରଣ ସେଠୀଙ୍କୁ ମହାବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀନିବାସ ଆଚାର୍ଯ୍ୟ ଧନ୍ୟବାଦ ପ୍ରଦାନ କରିଥିଲେ।

# ୬୨ ୟୁନିଟ୍ ରକ୍ତ ସଂଗ୍ରହ

ପରଜଙ୍ଗ,୨୨।୧୨(ନିଗମାନନ୍ଦ ଦଳବେହେରା)

ପରଜଙ୍ଗ କଲେଜଠାରେ ନୂଆ -ଓ, ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସାମାଜିକ କାର୍ଯ୍ୟକ୍ରମ ଆଧାରରେ କଲେଜ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ନିହାରକାନ୍ତ ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପରଜଙ୍ଗ ବିଧାୟକ ଡ. ନୃସିଂହ ଚରଣ ସାହୁ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ନିରାକାର ପ୍ରଧାନ, ପରଜଙ୍ଗ ବ୍ଲକ ଯୁବ ବିଜେଡି ସଭାପତି ସୁବ୍ରତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ୬୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିରରେ ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।


ଶିବିରରେ ରକ୍ତ ସଂଗ୍ରହ ବେଳେ ବିଧାୟକଙ୍କ ସମେତ ଅନ୍ୟମାନେ।

# ସଚ୍ଚିଦାନନ୍ଦ କଲେଜରେ କ୍ରୀଡ଼ା ମହୋତ୍ସବ

ଢେଙ୍କାନାଳ,୨୨।୧୨(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁରସ୍ଥିତ ସଚ୍ଚିଦାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ନୂଆ ଓଡ଼ିଶା, ଯୁବ ଓଡ଼ିଶା ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ କ୍ରୀଡ଼ା ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କବାଡି, କ୍ରିକେଟ, ଭଲିବଲ, ଦୌଡ, ଲମ୍ଫଡିଆଁ, ସର୍ଟପୁଟ, ଡିସ୍କସ ଥ୍ରୋ, ଜାଭେଲିନ ଥ୍ରୋ, କ୍ୟାରମ, ଚେସ୍ ଆଦି ପ୍ରତିଯୋଗିତା ହୋଇଥିଲା। ଉଦ୍‌ଯାପନୀ ଦିବସରେ ଜିଲା ପରିଷଦ ସଦସ୍ୟ ରାଜ କିଶୋର ରାଉତ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଇନ୍ଦିପୁର ସରପଞ୍ଚ ଲଳିତା ସାହୁ, ସମିତି ସଭ୍ୟ ଯୁଗଳ କିଶୋର ରାଉତ, ନୂଆ ଓଡ଼ିଶାର ଜିଲା ନୋଡାଲ ଅଧିକାରୀ ଡ. ଦେବାଶିଷ ମହାନ୍ତି, ଡ. ଅମୃତ ସେଠୀ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କ୍ରୀଡ଼ା ପ୍ରମୁଖ ପ୍ରଦୀପ କୁମାର ସ୍ୱାଇଁ, ଖେଳ ଶିକ୍ଷକ ଚିରଞ୍ଜୀବ ବୋଷ, ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀମ ସହଯୋଗ କରିଥିଲେ। ଅଧ୍ୟକ୍ଷ ପ୍ରଦୀପ କୁମାର ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।


କ୍ରୀଡ଼ା ମହୋତ୍ସବରେ ପୁରସ୍କାର ପ୍ରଦାନ କରାଯାଉଛି।

# ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର

ଢେଙ୍କାନାଳ,୨୨।୧୨(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ଢେଙ୍କାନାଳ ଜିଲା ପ୍ରଶାସନ ଆନୁକୂଲ୍ୟରେ ଓଡ଼ାପଡ଼ା ବ୍ଲକ ସହଯୋଗରେ ଅନୁଷ୍ଠିତ ଏହି ଶିବିରକୁ ବିଡିଓ ସୁରେଶ କୁମାର ସାହୁ, ବ୍ଲକ ସଂଯୋଜିକା ସୁପ୍ରଭା ଜେନା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁନିତା ବେହେରା, ଜିଲା ଦକ୍ଷତାବୃଦ୍ଧି ଓ ନିୟୋଜନ ଅଧିକାରୀ କେ ରୋଜାଦୋରାଙ୍କ ଉପସ୍ଥିତିରେ ଏହା ଉଦ୍‌ଘାଟିତ ହୋଇଥିଲା। ଟାଟାଷ୍ଟ୍ରାଇଭ୍, ସିପେଟ୍ ଭୁବନେଶ୍ୱର, ଗ୍ରାମ ତରଙ୍ଗ, କୁଇଭାନ୍, ଏଲଆଣ୍ଡଟି, ପିଡିଆଇଏମ୍‌ଟି, କେଏସ୍‌ଏସ୍, ଆଇଜିଆଇଟି ସରାଙ୍ଗ, ସରକାରୀ ଆଇଟିଆଇ, ପଲିଟେକନିକ୍ ଆଦି ପ୍ରମୁଖ ୧୦ ସଂସ୍ଥାର ଅଧିକାରୀ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ନିଯୁକ୍ତି ପରାମର୍ଶ ଦେଇଥିଲେ। ଏହି କର୍ମଶାଳାରେ ୨୧୦ ଯୁବତୀ ଯୁବକ ଅଂଶଗ୍ରହଣ କରି ନାମ ପଞ୍ଜୀକରଣ କରିଥିଲେ।


ଓଡାପଡାରେ ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର।

# ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ବାର୍ଷିକ ଉତ୍ସବ

ଢେଙ୍କାନାଳ,୨୨।୧୨
(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ବିରାଡିଆ ଗ୍ରାମ ଏସ୍‌ଏମ୍. ଏଗ୍ରୋ ଫାର୍ମଠାରେ ୧୭୦ ଜଣ ସଦସ୍ୟଙ୍କ ଉପସ୍ଥିତିରେ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମାଜସେବା ଓ ସଚେତନତା କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ଉପଦେଷ୍ଟା ଶରତ ଚନ୍ଦ୍ର ପାଠୀ ଢେଙ୍କାନାଳ ଚ୍ୟାମ୍ବରର ଉପକାରିତା ଓ ଅଭିଜ୍ଞତା ସମ୍ପର୍କରେ ଆଲୋକପାତ କରିଥିଲେ। ନୂତନ ଭାବେ ଯୋଗ ଦେଇଥିବା ସଦସ୍ୟ ଏବଂ ବାଣିଜ୍ୟ ଶିଳ୍ପ ପ୍ରତିଷ୍ଠାନ ଗୃହକୁ ନବୀକରଣ ପାଇଁ ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିବା ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାପତି ରାଜେନ୍ଦ୍ର କୁମାର ହିଣ୍ଡୋଚା ୨୦୨୪ରେ ହେବାକୁ ଯାଉଥିବା ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ସହଯୋଗ କାମନା କରିଥିଲେ। ଉପସଭାପତି ରାଜକିଶୋର ବେହେରା ପରିଚାଳନା କରିଥିବାବେଳେ ବିନୋଦ କୁମାର ଅଗ୍ରୱାଲା, ମହେଶ ପ୍ରସାଦ ଅଗ୍ରୱାଲା, ଅନୁପ କୁମାର ମାହେଶ୍ୱରୀ, ମହମ୍ମଦ ସମୀର, କୃଷ୍ଣଚନ୍ଦ୍ର ଦେବତା, ଶିବପ୍ରସାଦ ପଣ୍ଡା ଓ ଲୋକନାଥ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ରାଜକିଶୋର ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।


ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ବାର୍ଷିକ ଉତ୍ସବ।

# ଜାଭିୟର୍ସ ହାଇସ୍କୁଲ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ଢେଙ୍କାନାଳ,୨୨।୧୨(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ଗେଙ୍ଗୁଟିଆ ରଣପଶିସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଚଳିତବର୍ଷ ବ୍ଲୁ ହାଉସ୍ ଦଳଗତ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ସାମ୍ବାଦିକ ସଂଘ ସମ୍ପାଦକ ସତ୍ୟ ସ୍ୱରୂପ ଦାସ ଯୋଗଦେଇ ପାଠ ପଢ଼ିବା ସହ ଭଲ ମଣିଷ ହୋଇ ଶିକ୍ଷାନୁଷ୍ଠାନର ଟେକ ରଖିବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ପିଟିଏ ଚେୟାରମ୍ୟାନ ଦେବାଶିଷ ମିଶ୍ର ଛାତ୍ରୀଛାତ୍ରଙ୍କ ଉନ୍ନତ ଭବିଷ୍ୟତ ଗଠନରେ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଆଇନ ପରାମର୍ଶଦାତା ସୁରେଶ ପ୍ରସାଦ ତ୍ରିପାଠୀ ଓ ବସନ୍ତ ରଥ, ପିଟିଏ ସଭାପତି ସଂଗ୍ରାମ ବିଶ୍ୱାଳ, ଉପସଭାପତି ଅରବିନ୍ଦ ସାହୁ, ସମ୍ପାଦକ ପ୍ରିୟଙ୍କା ସାହୁ, ଉପଦେଷ୍ଟା ବ୍ରଜମୋହନ ସାହୁ ଓ ରଞ୍ଜନ କୁମାର ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମଣ୍ଟେସରୀ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷଣ ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କ ମନ ମୋହିଥିଲା। ଶିକ୍ଷାନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ମନୋଜ ମହାନ୍ତି ଉପସ୍ଥିତ ଥିଲେ। ପ୍ରିନ୍ସିପାଲ ପ୍ରତାପଚନ୍ଦ୍ର ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ପ୍ରଶାସନିକ ଅଧିକାରୀ ଦେବକାନ୍ତ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କ୍ରୀଡ଼ା ଶିକ୍ଷକ ମହମ୍ମଦ କାଫିଲ, ସନାତନ ସ୍ୱାଇଁ ଓ ନର୍ମଦା ମହାପାତ୍ର ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ପ୍ରଜ୍ଞା ପରମିତା ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୋମବାର ଏହି କ୍ରୀଡ଼ା ଉତ୍ସବକୁ ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସଦର ଥାନା ଅଧିକାରୀ ପ୍ରଦୀପ କୁମାର ପ୍ରଧାନ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।


ଜାଭିୟର୍ସ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଅବସରରେ ଅତିଥିଙ୍କ ସହ ବିଜେତାମାନେ।

